# ଶ୍ୟାମ ରଂଗ

ଶ୍ୟାମ ମୋର ଚେଳାଞ୍ଚଳେ
ବିଶ୍ୱ ରଂଗ ଭରି
ସେ ପ୍ରେମ ରଙ୍ଗ ପରଶେ
ରଙ୍ଗିବ ଚୁନ୍‌ରୀ ।

ରଜକ ଧୋଇଲେ ତାରେ
ତା ସାରା ଜୀବନ
ତା ଦେହରୁ ରଂଗ କେବେ
ନ ହୋଇବ ଲୀନ ।

ରାଧା ମନ ଶ୍ୟାମ ରଂଗେ
ରଂଗୁ ତାର ବାସ
ନାଲି ନେଳି ରଂଗ ନୁହେଁ
ଶ୍ୟାମ ରଂଗେ ଆସ ।

ଶ୍ୟାମ ହସ୍ତ ପ୍ରସାଧନେ
ରଙ୍ଗୀ ଚେଳାଞ୍ଚଳ
ତୁହେ ଶ୍ରୀରାଧା ଚକୋରୀ
ଶ୍ୟାମ ଯେ ଚକୋର ।

ପଣତ ନହେଲେ ରଂଗ
ନ ଯିବି ମୁଁ ଘର
ବିତି ଯାଉ ପଛେ ସାରା
ଜୀବନଟା ମୋର ।

ଭୂମିଠାରୁ କିସ ଭାରୀ
ଜଳଠୁ ପତଳା
ଗଗନଠୁ ତେଜିୟାନ
ଶ୍ୟାମ ଠାରୁ କଳା ?

ଜ୍ଞାନ ଜଳଠୁ ପତଳା
ଭୂମିଠାରୁ ଭାରୀ ପାପ ସୀମା
କ୍ରୋଧ ନଭୁ ତେଜିୟାନ
କଳା ଠାରୁ କଳଙ୍କ କାଳିମା ।

କଳଙ୍କ କାଳିମା ଧରି
ରାଧା ବିନୋଦିନୀ
ଗୋପେଧନ୍ୟା ଗୋପୀ, ରାଧା
କୃଷ୍ଣ ବିରହିଣୀ ।

ଶ୍ୟାମ ରଂଗେ ରଂଗାଅ ମୋ ତନୁ
ଶୁଭ୍ର ରଂଗ ତନୁ ଲାଗେ ଭାରୀ
ଶ୍ୟାମ ସିନା ଶ୍ୟାମ ଦେହ ରଂଗ
ମନେ ଭଜା ଶ୍ରୀରାଧା କିଶୋରୀ ।

ଶ୍ୟାମ ଚରଣ ପରଶ
ଲାଗି ଗୋପ ଧନ୍ୟ
ଶ୍ରୀ ରାଧା ଶ୍ୟାମ ପଉଣେ
କବି ପ୍ରାଣ ଧନ୍ୟ ।